## ୨୦୧୮-୧୯ ଜାନୁଆରୀ ଶେଷ ସୁଦ୍ଧା ଓଡ଼ିଶାର ରାଜସ୍ୱ ସଂଗ୍ରହରେ ୧୭% ଏବଂ

## ବିନିଯୋଗରେ ୧୯% ଅଭିବୃଦ୍ଧି ।

## ନିର୍ଦ୍ଧାରିତ ଏସ୍.ଡ଼ି.ଜି ଗୁଡ଼ିକର ହାସଲ ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବ ଙ୍କ ନିର୍ଦ୍ଦେଶ ।

ଭୁବନେଶ୍ୱର,୮-୨-୧୯

ଚଳିତ ଆର୍ôଥକ ବର୍ଷ (୨୦୧୮-୧୯) ଜାନୁଆରୀ ମାସ ଶେଷ ସୁଦ୍ଧ । ରାଜସ୍ୱ ପରିଚାଳନାରେ ଉତ୍ସାହଜନକ ଅଭିବୃଦ୍ଧି ଘଟିଛି । ଆଜି ମୁଖ୍ୟ ଶାସନ ସଚିବ ଶ୍ରୀ ଆ ଦିତ ୍ୟ ପ୍ରସା ଦ ପାଢ଼ୀଙ୍କ ଅନୁଷ୍ଠିତ ସଚିବ ସ୍ତରୀୟ ବୈଠକରୁ ଏହା ଜଣାପଡିଛି । ବିଭିନ୍ନ ବିଭାଗର ନଭେମ୍ବର ମାସ ଶେଷ ସୁଦ୍ଧା ରାଜସ୍ୱ କାର୍ଯ୍ୟ ସଂପା ଦନ ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ ନିର୍ଦ୍ଧାରିତ କରାଯାଇଥିବା ଅବିରତ ପୋଷଣୀୟ ଲକ୍ଷ୍ୟ (ସଷ୍ଟେନେବୁଲ୍ ଡ଼େଭ୍ଲପ୍‌ମେଣ୍ଟ ଗୋଲ୍) ହାସଲ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଲକ୍ଷ୍ୟ ସାଧକ ବିଷୟରେ ନିୟମିତ ସମୀକ୍ଷା କରି ସଦ୍ୟ ତ ନ ତ ଥ୍ୟ ସଂକଳିତ କରିବାକୁ ମଧ୍ୟ ମୁଖ୍ୟ ଶାସନ ସଚିବ ସଂପୃକ୍ତ ବିଭାଗର ଶାସନ ସଚିବମ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ରାଜ୍ୟ ସଚିବାଳୟଠାରେ ଅନୁଷ୍ଠିତ ଏହି ବୈଠକରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ଅଶୋକ କୁମାର ମୀନା ଚଳିତ ଆର୍ôଥକ ବର୍ଷ ଜାନୁଆରୀ ମାସ ଶେଷ ସୁଦ୍ଧ । ରାଜସ୍ୱ ସ୍ଥିତି ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ । ସମୀକ୍ଷାରୁ ଜଣାପଡିଥିଲା ଯେ ୨୦୧୮-୧୯ ଆର୍ôଥକ ବର୍ଷ ଜାନୁଆରୀ ମାସ ଶେଷ ସୁଦ୍ଧ । ବଜେଟ ଆବଣ୍ଟିତ ଅର୍ଥ ବିନିଯୋଗରେ ପୂର୍ବ ବର୍ଷ (୨୦୧୭-୧୮) ଅପେକ୍ଷା ୧୯% ଭାଗ ବୃଦ୍ଧି ହୋଇଛି । ଗ ତ ବର୍ଷ ଏହି ସମୟ ସୁଦ୍ଧ । ସମୁଦାୟ ୬୬୫୭୧ କୋଟି ଟଙ୍କା ବିନିଯୋଗ ହୋଇଥିବା ବେଳେ ଚଳିତ ବର୍ଷ ଏହା ୭୯୦୫୮ କୋଟିକୁ ବୃଦ୍ଧି ପାଇଛି । ସାମାଜିକ ବିକାଶ କ୍ଷେ ତ୍ର ରେ ପୂର୍ବ ବର୍ଷ ତୁଳନାରେ ୩୦% ଅଧିକ ଅର୍ଥ ବିନିଯୋଗ ହୋଇଛି । ଗ ତ ବର୍ଷ ଜାନଆରୀ ମାସ ଶେଷ ସୁଦ୍ଧ । ଏ କ୍ଷେ ତ୍ର ରେ ୨୭୬୮୯ କୋଟି ବିନିଯୋଗ ହୋଇଥିବା ବେଳେ ଚଳିତ ବର୍ଷ ଜାନୁଆରୀ ଶେଷ ସୁଦ୍ଧ । ବିନିଯୋଗ ପରିମାଣ ୩୬୦୨୧ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଭିତ୍ତିଭୂମୀ ବିକାଶ କ୍ଷେ ତ୍ରରେ ବିନିଯୋଗ ପୂର୍ବ ବର୍ଷ ଅପେକ୍ଷା ୬% ବୃଦ୍ଧି ପାଇ ପ୍ରାୟ ୧୨୬୬୩ କୋଟି ଟଙ୍କାରେ ପହଞ୍ଚିଛି । ସେହିପରି କୃଷି ଓ ଆନୁସଂଗିକ କ୍ଷେ ତ୍ର ରେ ବିନିଯୋଗ ପରିମାଣ ୯୯୭୨ କୋଟି ଟଙ୍କାକୁ ବୃଦ୍ଧି ପାଇଛି ।

ଅନୁରୂପଭାବେ ଚଳିତ ଆର୍ଥିକ ବର୍ଷ ଜାନୁଆରୀ ଶେଷ ସୁଦ୍ଧା । ୩୨୭୩୩ କୋଟି ଟିଙ୍କାର ରାଜସ୍ୱ ସଂଗ୍ରହ କରାଯାଇ ଏହା ଉତ୍ସାହଜନକ ୧୭% ବୃଦ୍ଧ ହାସଲ କରାଯାଇଛି । ପୂର୍ବ ବର୍ଷ ଏହି ସମୟ ମଧ୍ୟରେ ୨୭,୯୭୮ କୋଟି ଟଙ୍କା ରାଜସ୍ୱ ସଂଗ୍ରହ ହୋଇଥିଲା । ସଂଗୃହିତ ରାଜସ୍ୱ ମଧ୍ୟରେ ପ୍ରାୟ ୨୩୦୦୮ କୋଟି ଟଙ୍କା ନିଜସ୍ୱ-ଟିକସ ଏବଂ ୯୭୨୫ କୋଟି ଟଙ୍କା ଅଣ-ଟିକସ ରାଜସ୍ୱ ରହିଛି ।

ଖଣି ଓ ଇସ୍ପାତ୍ ବିଭାଗ ମାଧ୍ୟମରେ ସଂଗୃହିତ ଖଣିଜ ରାଜସ୍ୱରେ ସର୍ବାଧିକ ୭୩% ଅଭିବୃଦ୍ଧି ଘଟିଛି । ପୂର୍ବ ବର୍ଷ ଜାନୁଆରୀ ମାସ ଶେଷ ସୁଦ୍ଧା । ଖଣି ରୟାଲଟି ବାବ ଦରେ ପ୍ରାୟ ୪୭୩୫ କୋଟି ଟଙ୍କା ଆଦାୟ ହୋଇଥିବା ବେଳେ ଚଳିତ ବର୍ଷର ଆଦାୟ ୮୧୭୫ କୋଟିରେ ପହଞ୍ଚିଛି । ସେହିପରି ଶିଳ୍ପ ଜଳ ଟିକସ ବାବଦରେ ଜାନୁଆରୀ ଶେଷ ସୁଦ୍ଧା । ୫୧୮ କୋଟି ଟଙ୍କା ଆଦାୟ ହୋଇ ପୂର୍ବ ଆର୍ଥିକ ବର୍ଷ ତୁ ଳନାରେ ୯% ଅଭିବୃଦ୍ଧି ହାସଲ କରାଯାଇଛି । ଜଳସେଚନ ଦେୟ ବାବ ଦରେ ମଧ୍ୟ ଆଦାୟ ପରିମାଣ ପ୍ରାୟ ୪୬% ବୃ ର୍ଦ୍ଧି ପାଇଛି ।

ବୈଠକରେ ଜିଲ୍ଲା ଖାଣିଜ ପାଣ୍ଠିର ବିନିଯୋଗ ବିଷୟରେ ମଧ୍ୟ ସମୀକ୍ଷା ହୋଇଥିଲା । ସମୀକ୍ଷାରୁ ଜଣାପଡିଥିଲା ଡ଼ିସେମ୍ବର ମାସ ଶେଷ ସୁଦ୍ଧା । ବିଭିନ୍ନ ଜିଲ୍ଲାରେ ଏହି ପାଣ୍ଠି ବାମ ଦରେ ପ୍ରାୟ ୬୦୮୮ କୋଟି ଟଙ୍କା ସଂଗ୍ରହ କରାଯାଇଛି । ଡ଼ିସେମ୍ବର ଶେଷ ସୁଦ୍ଧା । ୧୨୩୫୯ ଟି ପ୍ରକଳ୍ପ ମଞ୍ଜୁର କରାଯାଇଛି । ଏହି ସବୁ ପ୍ରକଳ୍ପ ପାଇଁ ପ୍ରାୟ ୬୪୩୮ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ଜିଲ୍ଲା ଖଣିଜ ପାଣ୍ଠି ପ୍ରକଳ୍ପ ଗୁଡ଼ିକର ତ୍ୱ ରିତ କାର୍ଯ୍ୟାନ୍ୱୟନ ନିମନ୍ତେ ଆବଶ୍ୟକୀୟ ବୈଷୟିକ ଏବଂ ମାନବ ସମ୍ବଳ ସହଯୋଗ ଯୋଗାଇ ଦେବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ ସଂପୃକ୍ତ ବିଭାଗର ଶାସନ ସଚିବ ମାନଙ୍କୁ ନିର୍ଦ୍ଦେ ଶ ଦେଇଥିଲେ ।

ଉନ୍ନୟନ କମିଶନର ଶ୍ରୀ ଅସୀ ତ କୁମାର ତ୍ରି ପାଠୀ , ଅ ତି ରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର , ଶ୍ରୀ ରାଜ କୁମାର ଶର୍ମା, ଶ୍ରୀ ଲକ୍ଷ୍ମୀ ନାରାୟଣ ଗୁପ୍ତାଙ୍କ ସମେତ ସମସ୍ତ ବିଭାଗର ପ୍ରମୁଖ ଶାସନ ସଚିବ, ଶାସନ ସଚିବ ଏବଂ ସ୍ୱତ ନ୍ତ୍ର ଶାସନ ସଚିବ ମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଉମାକାନ୍ତ ମହାପାତ୍ର,

ସୂଚନା ଅଧିକାରୀ, ମୁଖ୍ୟ ଶାସନ ସଚିବ